**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**14th April - 2024**

**News Editor : *Tapan Kumar Moharana***

***********************************

***Desk***

## ମହାବିଷୁବ ସଂକ୍ରାନ୍ତି

ଆଜି ହେଉଛି ପବିତ୍ର ମହାବିଷୁବ ସଂକ୍ରାନ୍ତି । ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମଋତୁ ଆଜିଠାରୁ ଆରମ୍ଭ ହେଉଛି । ଆଜିଠାରୁ ସୂର୍ଯ୍ୟଙ୍କ ତାପ ବଢ଼ିଥାଏ ଏବଂ ବାୟୁର ଗତି ମଧ୍ୟ ପ୍ରଖର ହୋଇଥାଏ । ଆଜି ଦିନକୁ ପଣାସଂକ୍ରାନ୍ତି ଭାବେ ମଧ୍ୟ ପାଳନ କରାଯାଇଥାଏ । ଓଡ଼ିଆ ପାଞ୍ଜି ହିସାବରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ଦିନ ଭାବେ ପାଳନ କରାଯାଇଥାଏ । ରାଜ୍ୟର ଲୋକମାନେ ପଣାସଂକ୍ରାନ୍ତିକୁ ଅତି ନିଷ୍ଠାର ସହ ପାଳନ କରିଥା'ନ୍ତି । ବିଷୁବ ସଂକ୍ରାନ୍ତିରେ ଦଣ୍ଡଯାତ୍ରା, ଚଡ଼କ ପର୍ବ, ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ଏବଂ ପାଟୁଆ ଯାତ୍ରା ଉଦ୍‌ଯାପିତ ହୋଇଥାଏ । ଏହି ଅବସରରେ ଘରେ ଘରେ ଦେବଦେବୀଙ୍କ ପାଖରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି । ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଶ୍ରୀଶ୍ରୀହନୁମାନଙ୍କର ମଧ୍ୟ ଆଜି ଜୟନ୍ତୀ ।  ଅଗ୍ନି ଓ ବାୟୁର ପ୍ରକୋପରୁ ରକ୍ଷା ପାଇବାପାଇଁ ଏହି ପବିତ୍ର ଦିନରେ ପ୍ରଭୁ ହନୁମାନଙ୍କର ପୂଜା କରାଯାଇଥାଏ । ଦେଶରେ ପ୍ରଭୁ ଶ୍ରୀଶ୍ରୀହନୁମାନଙ୍କର ଜୟନ୍ତୀକୁ ଭକ୍ତିଭାବରେ ହନୁମାନ ଚାଳିଶା ପାଠ ସହିତ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି ।

ରାଜ୍ୟପାଳ ରଘୁବର ଦାସ ପବିତ୍ର ମହାବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଦିନରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

***Desk***

# ଆମ୍ବେଦ୍କର ଜୟନ୍ତୀ

ଭାରତୀୟ ସମ୍ବିଧାନର ପ୍ରଣେତା ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ଆଜି ୧୩୪ତମ ଜୟନ୍ତୀ । ୧୮୯୧ ମସିହା ଆଜିର ଦିନରେ ବାବାସାହେବ ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିଲେ । ବାବାସାହେବଙ୍କ ଦ୍ୱାରା ପ୍ରଣୀତ ସମ୍ବିଧାନ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଦେଶରେ ଲାଗୁ ହୋଇଥିଲା । ଡକ୍ଟର ଆମ୍ବେଦକର ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଥିଲେ । ଦଳିତ ଏବଂ ପଛୁଆବର୍ଗର ଲୋକମାନଙ୍କର ସ୍ୱାର୍ଥରକ୍ଷା ଏବଂ ସ୍ୱାଭିମାନ ପାଇଁ ବାବାସାହେବଙ୍କର ଅବଦାନ ଅତୁଳନୀୟ । ଏହି ମହାନ୍ ନେତାଙ୍କର ଦେଶପ୍ରେମ ଏବଂ ପଛୁଆବର୍ଗର ଲୋକମାନଙ୍କର ଉତ୍‌ଥାନ ପାଇଁ ନେଇଥିବା ବଳିଷ୍ଠ ପଦକ୍ଷେପସ୍ୱରୂପ ୧୯୯୦ ମସିହାରେ ତାଙ୍କୁ ମରଣୋତ୍ତର ଭାବେ ଭାରତରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ଦେଶ ଏବଂ ରାଜ୍ୟର ସବୁ ସ୍ତରରେ ଆଜି ବାବାସାହେବଙ୍କର ଜୟନ୍ତୀ ପାଳନ କରାଯାଉଛି ।

*BBSR/R*

# କଂଗ୍ରେସ ପ୍ରାର୍ଥୀ ତାଲିକା

ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ଗତକାଲି ଓଡ଼ିଶାର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୯ଟି ଲୋକସଭା ପାଇଁ ପ୍ରାର୍ଥୀଙ୍କ  ନାମ ଘୋଷଣା କରାଯାଇଛି । ଘୋଷିତ ତାଲିକା ଅନୁଯାୟୀ ବାଲେଶ୍ୱର ଲୋକସଭା ଆସନରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ନିର୍ବାଚନ ଲଢ଼ିବେ । ଭୁବନେଶ୍ୱର ଲୋକସଭା ଆସନରୁ ୟାସିର୍ ନଓ୍ୱାଜ, ପୁରୀରୁ ସୁଚରିତା ମହାନ୍ତି, କେନ୍ଦୁଝରରୁ ମୋହନ ହେମ୍ବ୍ରମ, ଭଦ୍ରକରୁ ଅନନ୍ତ ପ୍ରସାଦ ସେଠୀ, ଯାଜପୁରରୁ ଅଞ୍ଚଳ ଦାସଙ୍କୁ ଦଳ ପ୍ରାର୍ଥୀ କରିଛି । ସେହିଭଳି ଢେଙ୍କାନାଳରୁ ସସ୍ମିତା ବେହେରା, କେନ୍ଦ୍ରାପଡ଼ାରୁ ସିଦ୍ଧାର୍ଥ ସ୍ୱରୂପ ଦାସ ଏବଂ ଜଗତସିଂହପୁର ଲୋକସଭା ଆସନରୁ ରବିନ୍ଦ୍ର କୁମାର ସେଠୀଙ୍କୁ ପ୍ରାର୍ଥୀ କରାଯାଇଥିବା ନେଇ ଦଳୀୟ ଇସ୍ତାହାରରେ କୁହାଯାଇଛି । ସୂଚନାଯୋଗ୍ୟ, ଦୁଇଟି ପର୍ଯ୍ୟାୟକଂଗ୍ରେସ ବର୍ତ୍ତମାନ ସୁଦ୍ଧା ରାଜ୍ୟର ମୋଟ ୧୭ଟି ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି ।

*Desk*

# ଅତିରିକ୍ତ ମତଦାନ କେନ୍ଦ୍ର

ରାଜ୍ୟରେ ୧୫ ଶହରୁ ଅଧିକ ମତଦାତା ଥିବା ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକପାଇଁ ଅତିରିକ୍ତ ମତଦାନ କେନ୍ଦ୍ର ଖୋଲାଯିବ । ରାଜ୍ୟ ମୁଖ୍ୟ

ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଭାରତର ନିର୍ବାଚନ ଆୟୋଗ ଅନୁମୋଦନ କରିଛନ୍ତି । ଏହି ଅନୁମୋଦନ ଅନୁସାରେ ରାଜ୍ୟରେ ୨୦ଟି ଜିଲ୍ଲାରେ ୮୯ଟି ନୂଆ ମତଦାନ କେନ୍ଦ୍ର ହେବ ।

***Desk***

# ଅତିରିକ୍ତ ମତଦାନ କେନ୍ଦ୍ର

ରାଜ୍ୟରେ ୧୫ ଶହରୁ ଅଧିକ ମତଦାତା ଥିବା ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକପାଇଁ ଅତିରିକ୍ତ ମତଦାନ କେନ୍ଦ୍ର ଖୋଲାଯିବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଭାରତର ନିର୍ବାଚନ ଆୟୋଗ ଅନୁମୋଦନ କରିଛନ୍ତି । ଏହି ଅନୁମୋଦନ ଅନୁସାରେ ରାଜ୍ୟରେ ୨୦ଟି ଜିଲ୍ଲାରେ ୮୯ଟି ନୂଆ ମତଦାନ କେନ୍ଦ୍ର ହେବ ।

***Desk***

# କୀଟନାଶକ - ସଚେତନ

ସମ୍ବଲପୁର, ବରଗଡ଼, ବଲାଙ୍ଗିର, ଗଞ୍ଜାମ, ବାଲେଶ୍ୱର ଜିଲ୍ଲାଗୁଡ଼ିକରେ ରସାୟନମୁକ୍ତ କୃଷି ପାଇଁ କୃଷି ବିଭାଗ ପକ୍ଷରୁ ସଚେତନତାମୂଳକ କାର୍ଯ୍ୟକ୍ରମମାନ କରାଯାଉଛି । କେନ୍ଦ୍ର ରସାୟନ ଏବଂ ସାର ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଓଡ଼ିଶାରେ ହେକ୍ଟର ପିଛା ଶୂନ ଦଶମିକ ୫ କିଲୋଗ୍ରାମ କୀଟନାଶକ ବ୍ୟବହାର ହୋଇଥାଏ, ଯାହାକି ଦେଶର ଦଶମ ସର୍ବାଧିକ

ଅଟେ । ରାଜ୍ୟ କୃଷି ବିଭାଗ ତଥ୍ୟ ଅନୁସାରେ ଓଡ଼ିଶାରେ ବାର୍ଷିକ ୧ ହଜାର ୧୫୮ ମେଟ୍ରିକ୍ ଟନ୍‌ରୁ ଉର୍ଦ୍ଧ୍ୱ କୀଟନାଶକ ଔଷଧ ବ୍ୟବହାର ହୋଇଥାଏ । ଧାନ, କପା, ପନିପରିବା, ଚିନାବାଦାମ ଏବଂ ଡାଲିଜାତୀୟ ଶସ୍ୟରେ କୀଟନାଶକ ଔଷଧର ବ୍ୟବହାର କମାଇବା ପାଇଁ ଚାଷୀମାନଙ୍କୁ ସଚେତନ କରାଯାଉଛି ।

***Sambalpur/R***

# ସ୍ୱଚ୍ଛତା ପକ୍ଷ

ସମ୍ବଲପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଇଁଠାପାଲିଠାରେ ଗତକାଲି ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟ କର୍ମଚାରୀ, ଆଶା ଓ ସ୍ୱେଚ୍ଛାସେବୀମାନେ ଏଥିରେ ଭାଗ ନେଇ ସ୍ୱଚ୍ଛତାର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା ।

***BBSR/R***

# ପାଣିପାଗ

ପାଣିପାଗ ବିଭାଗ ସୂଚନା ଅନୁସାରେ ଆଜିଠାରୁ ତାପମାତ୍ରା ବୃଦ୍ଧି ପାଇବ । ମାଲକାନଗିରି, କୋରାପୁଟ, ବୌଦ୍ଧ, ଢେଙ୍କାନାଳ, ଅନୁଗୁଳ, କଟକ, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ନୟାଗଡ଼ ଓ ଭଦ୍ରକ ଜିଲ୍ଲାରେ ଅଧିକ ଗ୍ରୀଷ୍ମ ପ୍ରବାହ ହେବ । ଅନ୍ୟପକ୍ଷରେ ସମ୍ବଲପୁର, ବରଗଡ଼,

ସୁନ୍ଦରଗଡ଼, ବଲାଙ୍ଗିର, କନ୍ଧମାଳରେ ତାପମାତ୍ରା ୨ରୁ ୪ ଦିନ ମଧ୍ୟରେ ୪୩ ଡିଗ୍ରୀ ଛୁଇଁବାର ସମ୍ଭାବନା ରହିଛି ।

*****